To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

# ସକାଳ
S A K A L A

ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

R.N.I. No.-42041/83 Vol-15, Issue No.184, ଭଦ୍ରକ, ବୁଧବାର, ୩, ଜାନୁୟାରୀ ୨୦୧୮ ■ Bhadrak, Wednesday, 3 January 2018 Rs. 2.00 Pages-8


## ଶେଷ ହେଲା ବରଗଡ଼ ଧନୁଯାତ୍ରା



# ରାଜନୀତି ଚାନ୍ଦା ଆଦାୟରେ ଅଙ୍କୁଶ

## ଇଲେକ୍ଟ୍ରାଲ ବଣ୍ଡର ରୂପରେଖ ଘୋଷଣା କଲେ ଜେଟ୍‌ଲୀ

ନୂଆଦିଲ୍ଲୀ, ୨।୧ : ରାଜନୈତିକ ଚାନ୍ଦା ବ୍ୟବସ୍ଥାକୁ ସ୍ୱଚ୍ଛ କରିବାକୁ ସରକାର କେତେକ ପଦକ୍ଷେପ ନେଇଛନ୍ତି । ଏଥିଲାଗି କେନ୍ଦ୍ର ଅର୍ଥମନ୍ତ୍ରାଳୟ ପକ୍ଷରୁ ମଙ୍ଗଳବାରଦିନ ଇଲେକ୍ଟୋରାଲ ବଣ୍ଡର ପ୍ରଚଳନ ବାବଦରେ ଘୋଷଣା କରାଯାଇଛି । ରାଜନୈତିକ ଦଳ ମାନଙ୍କୁ ଦିଆଯାଉଥିବା ନଗଦ ଚାନ୍ଦାର ବିକଳ୍ପ ଭାବେ ଏହାର ପ୍ରଚଳନ କରାଯାଉଛି । ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ ମଙ୍ଗଳବାରଦିନ ଏହି ଇଲେକ୍ଟ୍ରାଲ ବଣ୍ଡର ରୂପରେଖ ସଂପର୍କରେ ସଂସଦରେ ଘୋଷଣା କରିଛନ୍ତି । ଅର୍ଥମନ୍ତ୍ରାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ଷ୍ଟେଟ୍ ବ୍ୟାଙ୍କର କେତେକ ନିର୍ଦ୍ଦିଷ୍ଟ ଶାଖାରେ ଏହି ବଣ୍ଡ ବିକ୍ରି କରାଯିବ । ଏହି ବଣ୍ଡ ଜାନୁୟାରୀ, ଏପ୍ରିଲ, ଜୁଲାଇ ଓ ଅକ୍ଟୋବର ମାସରେ ୧୦ ଦିନ ପାଇଁ ବିକ୍ରି କରାଯିବ । ଏହି ବଣ୍ଡଗୁଡିକର ବୈଧତା ୧୫ ଦିନ ପାଇଁ ରହିବ । ଯଦିଓ ବଣ୍ଡରେ ଦାତାଙ୍କ ନାମ ଉଲ୍ଲେଖ ରହିବ ନାହିଁ, ତେବେ ବ୍ୟାଙ୍କରେ ତାଙ୍କୁ କେଓ୍ୱାଇସି ନିୟମକୁ ପାଳନ କରିବାକୁ ପଡିବ । ଅର୍ଥାତ୍ ଆଧାର କାର୍ଡ, ପ୍ୟାନକାର୍ଡ ଆଦି ବିବରଣୀ ଦେବାକୁ ପଡିପାରେ । ଅନ୍ୟପକ୍ଷରେ ରାଜନୈତିକ ଦଳମାନେ ନିଜର ବ୍ୟାଙ୍କ ଖାତା ମାଧ୍ୟମରେ ଏହି ବଣ୍ଡକୁ ଭଙ୍ଗେଇ ପାରିବେ । ଗତ ୨୦୧୭-୧୮ ବଜେଟରେ ଅର୍ଥମନ୍ତ୍ରୀ ଜେଟଲୀ ଏ ସଂପର୍କରେ ଘୋଷଣା କରିଥିଲେ । ରାଜନୈତିକ ଚାନ୍ଦାକୁ ସ୍ୱଚ୍ଛ



କରିବା ଲକ୍ଷ୍ୟରେ ଏହି ଘୋଷଣା କରାଯାଇଥିଲା । ଏବେ ରାଜନୈତିକ ଦଳମାନେ ନଗଦ ଟଙ୍କା ଆକାରରେ ଚାନ୍ଦା ସଂଗ୍ରହ କରୁଛନ୍ତି । ଏହା ଫଳରେ ଦାତାଙ୍କ ନାମ ଜଣାପଡୁନାହିଁ ଓ ଚାନ୍ଦାର ପରିମାଣ ମଧ୍ୟ ଜାଣିହେଉନାହିଁ । କିନ୍ତୁ ନୂଆ ବ୍ୟବସ୍ଥା ଅନୁସାରେ ଚାନ୍ଦା ସିଧାସଳଖ ଦଳମାନଙ୍କ ବ୍ୟାଙ୍କ ଖାତାକୁ ଯିବ । ସରକାର ମଧ୍ୟ ଦାତା କିଏ ଜାଣିପାରିବେ ।

# ଡିସେମ୍ବର ସୁଦ୍ଧା ୨୦ ଲକ୍ଷ ପକ୍କାଘର ନିର୍ମାଣ ସଂପୂର୍ଣ୍ଣ କର



## ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୨।୧ (ସକାଳ ଖବର): ଆସନ୍ତା ଡିସେମ୍ବର ୨୦୧୮ ସୁଦ୍ଧା ଗ୍ରାମାଞ୍ଚଳରେ ୨୦ଲକ୍ଷ ପକ୍କାଘର ନିର୍ମାଣ ସମ୍ପୂର୍ଣ୍ଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୪-୧୫ ଆର୍ଥିକ ବର୍ଷରୁ ଆରମ୍ଭ କରାଯାଇଥିବା ଏହି ଉଚ୍ଚାଭିଳାଷୀ କାର୍ଯ୍ୟକ୍ରମରେ ରାଜ୍ୟର ସବୁ କଚାଘରକୁ ପକ୍କାଘର କରିବା ପାଇଁ ରାଜ୍ୟ ସରକାର ତାଙ୍କ ନିଜସ୍ୱ ପାଣ୍ଠିରୁ ପଦକ୍ଷେପ ନେଇଛନ୍ତି। ବର୍ତ୍ତମାନ ସୁଦ୍ଧା ୧୪ ଲକ୍ଷ ୧୧ ହଜାର ୨୮୦ଟି ପକ୍କାଘର ସମ୍ପୂର୍ଣ୍ଣ ହୋଇଛି ବୋଲି ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆଜି ସନ୍ଧ୍ୟାରେ ସଚିବାଳୟରେ ଅନୁଷ୍ଠିତ ବୈଠକରୁ ଜଣାଯାଇଛି। ଗ୍ରାମ୍ୟ ଗୃହ ନିର୍ମାଣ କ୍ଷେତ୍ରରେ ସଠିକ ହିତାଧିକାରୀ ଯେପରି ଘର ପାଇପାରିବ, ସେଥିପ୍ରତି ବିଶେଷ ଧ୍ୟାନ ଦେବା ସହିତ ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଏହି ପକ୍କାଘର ନିର୍ମାଣ କାର୍ଯ୍ୟକ୍ରମ ସାରା ଦେଶର ଦୃଷ୍ଟି ଆକର୍ଷଣ କରିପାରିଛି ଏବଂ ଏ କ୍ଷେତ୍ରରେ ଓଡ଼ିଶା ଏକ ମଡେଲ ରାଜ୍ୟ ହୋଇପାରିଛି। ବର୍ତ୍ତମାନ ରାଜ୍ୟରେ ପ୍ରତ୍ୟେକ ଦିନ ୧୦୦୦ରୁ ଅଧିକ ପକ୍କାଘର ନିର୍ମାଣ କରାଯାଉଛି ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ଆଗାମୀ ଦିନରେ ଆହୁରି ଅଧିକ ଗୃହ ନିର୍ମାଣ କରି ଲକ୍ଷ୍ୟ ପୂରଣ ପାଇଁ ବୈଠକରେ ନିଷ୍ପତି ହୋଇଥିଲା। ପକ୍କାଘର ନିର୍ମାଣ ସହିତ ହିତାଧିକାରୀର ଜୀବିକା ଉପରେ ମଧ୍ୟ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉଛି। ତଦନୁଯାୟୀ ପ୍ରତ୍ୟେକ ହିତାଧିକାରୀଙ୍କୁ ଛେଳି ଚାଷ, କୁକୁଡ଼ା ଚାଷ, ଜିଆ ଖତ, ଗୋପାଳନ ଆଦି ବିଭିନ୍ନ ରୋଜଗାରକ୍ଷମ କାର୍ଯ୍ୟକ୍ରମରେ ସାମିଲ କରାଯାଉଛି। ସ୍ଥାନୀୟ ଭାବରେ ଉପଲବ୍ଧ ନିର୍ମାଣ ସାମଗ୍ରୀର ଉପଯୋଗ କରି ଶୀଘ୍ର ଗୃହ ନିର୍ମାଣ କରିବା ପାଇଁ ରୁର୍କୀସ୍ଥିତ ସିବିଆରଆଇ ସଂସ୍ଥାର ବୈଷୟିକ (ପୃଷ୍ଠା-୭)

## ୮ ମାଓବାଦୀ ଗିରଫ

ମାଲକାନଗିରି, ୨।୧ (ସକାଳ ଖବର): ସୀମାନ୍ତ ଛତିଶଗଡ଼ ରାଜ୍ୟ ନାରାୟଣପୁର ଜିଲ୍ଲା ପୋଲିସ ତାହକାଡୋଡ ଜଙ୍ଗଲରୁ ଆଜି ମାଓବାଦୀଙ୍କ ଜନ ମିଲିସିଆର ୮ଜଣ ସଦସ୍ୟଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ୬ଟି ବନ୍ଧୁକ ଏବଂ ଅନ୍ୟାନ୍ୟ ମାରଣାସ୍ତ୍ର ଜବତ କରିଥିବା ଜଣାପଡ଼ିଛି। ନାରାୟଣପୁର ଏସପି ସନ୍ତୋଷ ସିଂଙ୍କ ସୂଚନା ମୁତାବକ ତାହକାଡୋଡ ଜଙ୍ଗଲ କିଛି ସନ୍ଦିଗ୍ଧ ଲୋକ ଅସ୍ତ୍ରଶସ୍ତ୍ର ଧରି ବୁଲୁଥିବା ଖବର ମିଳିବା ପରେ ଉକ୍ତ ଅଂଚଳକୁ ଯବାନମାନେ ଯାଇ ଜଙ୍ଗଲ ମଧ୍ୟରେ ଘେରାବନ୍ଦି କରି ୮ଜଣ ମାଓବାଦୀଙ୍କୁ ଧରିବାରେ ସଫଳ ହେବା ୬ଟି ବନ୍ଧୁକ, ୨ଟି ଚାକୁ, ୨ ବ୍ୟାଣ୍ଡଲ ତାର ଜବତ କରିଥିଲେ। ଗିରଫ ଆଠ ମାଓବାଦୀ ତାହକାଡୋଡ ଗ୍ରାମର ମଙ୍ଗୁ ମାଡ଼ବି, ଲଖମା ଡେକୋ, ସୁକୁ ମାଡ଼ବି, ପଣ୍ଡରୁ ମାଡ଼ବି, ଚମରୁ ହିଡାମୀ, ରାଜୁ ନୁରେଟି, ସୋନାରୁ ବଡ୍ଡେ ଓ ମୁରା ହିଡକୋ ସମସ୍ତେ କେଦର ମିଲିସିଆ ସଦସ୍ୟ ଭାବେ ମାଓ କମାଣ୍ଡର ଜୟଲାଲ ପାଖରେ କାମ କରୁଥିଲେ।

## ବର୍ଷର ପ୍ରଥମ ସୁପର ମୁନ୍



ଭୁବନେଶ୍ୱର, ୨।୧ (ସକାଳ ଖବର): ମଙ୍ଗଳବାର ସନ୍ଧ୍ୟାରେ ଆକାଶରେ ଦେଖାଦେଇଛି ଚଳିତ ବର୍ଷର ପ୍ରଥମ ସୁପରମୁନ। ସାଧାରଣ ଦିନର ପୂର୍ଣ୍ଣଚନ୍ଦ୍ରଠାରୁ ଏହି ସୁପର ମୁନ୍ ପ୍ରାୟ ୭ ପ୍ରତିଶତ ବଡ଼ ଓ ୨୫ ପ୍ରତିଶତ ଅଧିକ ଉଜ୍ଜ୍ୱଳ ଥିଲା । ଏହି ସୁପର ମୁନ୍ କୁ ଦେଖିବା ଲାଗି ଭୁବନେଶ୍ୱର ସ୍ଥିତ ପଠାଣି ସାମନ୍ତ ପ୍ଲାନେଟୋରିୟମ୍ ଠାରେ ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ଭିଡ ଜମାଇଥିଲେ । ପୃଥିବୀଠାରୁ ପ୍ରାୟ ୩ ଲକ୍ଷ ୫୬ ହଜାର ୫୬୫ କିଲୋମିଟର ଦୂରତାରେ ଚନ୍ଦ୍ର ଥିବା ସମୟରେ ପୂର୍ଣ୍ଣମୀ ପଡୁଥିବାରୁ ଚନ୍ଦ୍ରଟି ଏପରି ବଡ଼ ଦେଖାଯାଇଥିବା ପ୍ଲାନେଟୋରିୟମ୍ ପକ୍ଷରୁ ସୂଚନା ଦିଆଯାଇଛି।

## ଶହୀଦଙ୍କ ପରିବାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ୫ ଲକ୍ଷ ଟଙ୍କାର ସହାୟତା ଘୋଷଣା

ଭୁବନେଶ୍ୱର, ୨।୧ (ସକାଳ ଖବର): ନିକଟରେ ଜାମ୍ମୁ ଓ କାଶ୍ମୀରରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଓଡିଆ ସିଆରପିଏଫ୍ ଜବାନ୍ ସୁନ୍ଦରଗଡର ପ୍ରଦୀପ ପଣ୍ଡାଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ପାଂଚ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି । ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ପ୍ରତିରକ୍ଷା ଓ ଅର୍ଦ୍ଧ ସାମରିକ କର୍ମଚାରୀ ରିଲିଫ୍ ପାଣ୍ଠିରୁ ଏହି ସହାୟତା ଯୋଗାଇ ଦିଆଯିବ । ଏହି ପାଣ୍ଠିରୁ ଶହୀଦଙ୍କ ପତ୍ନୀଙ୍କ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ମାସିକ ୨ହଜାର ଟଙ୍କାର ପେନସନ୍ ବ୍ୟବସ୍ଥା ମଧ୍ୟ ରହିଛି ।

## ମାଟ୍ରିକ୍ ପରୀକ୍ଷା ପ୍ରସ୍ତୁତି

### ୨୮୧୮ଟି କେନ୍ଦ୍ରରେ ପରୀକ୍ଷା ଦେବେ ୫ ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ

ଭୁବନେଶ୍ୱର, ୨।୧ (ସକାଳ ଖବର): ଆସନ୍ତା ଫେବୃଆରୀ ୨୩ରୁ ମାଟ୍ରିକ୍ ପରୀକ୍ଷା ଆରମ୍ଭ ହେବାକୁ ଥିବା ବେଳେ ଏଥିପାଇଁ ମାଧ୍ୟମିକ ଶିକ୍ଷା ବୋର୍ଡ ପକ୍ଷରୁ ଜୋରଦାର ପ୍ରସ୍ତୁତି ଚାଲିଛି । ଚଳିତ ଥର ମାଟ୍ରିକ ପରୀକ୍ଷା , ରାଜ୍ୟ ଓପନ ସ୍କୁଲ ଓ ମଧ୍ୟମା ପରୀକ୍ଷା ଏକସଙ୍ଗେ ହେବ । ଚଳିତ ବର୍ଷ ସମୁଦାୟ ୫ ଲକ୍ଷ ୯୦ ହଜାର ୩୩୦ ପରୀକ୍ଷାର୍ଥୀ ପରୀକ୍ଷା ଦେବେ । ସେଥିମଧ୍ୟରେ ୫ ଲକ୍ଷ ୬୭ ହଜାର ୨୫୪ ଜଣ ରେଗୁଲାର ପରୀକ୍ଷାର୍ଥୀ ଏବଂ ୧୯,୭୩୭ ଏକ୍ସ ରେଗୁଲାର ପରୀକ୍ଷାର୍ଥୀ ରହିଛନ୍ତି । ସେହିପରି ୩,୩୩୪ ଜଣ ପରୀକ୍ଷାଥୀ ପତ୍ରବିନିମୟ ମାଧ୍ୟମରେ ପରୀକ୍ଷା ଦେବେ । ଏଥିପାଇଁ ୨୮୧୮ଟି ପରୀକ୍ଷା ସେଂଟର କରାଯାଇଥିବା ବେଳେ ୩୦୨ଟି ନୋଡାଲ୍ ସେଂଟରର ବ୍ୟବସ୍ଥା କରାଯାଇଛି। ତେବେ ପୂର୍ବ ବର୍ଷ ମାନଙ୍କ ଭଳି ଛାତ୍ରଛାତ୍ରୀ ମାନେ ନିଜ ସ୍କୁଲରେ ପରୀକ୍ଷା ନଦେଇ ସ୍କୁଲ ଠାରୁ ୫ କିମି ଦୂର ମଧ୍ୟରେ ଚିହ୍ନଟ ହୋଇଥିବା ପରୀକ୍ଷା ସେଂଟରରେ ପରୀକ୍ଷା ଦେବେ ବୋଲି ବୋର୍ଡର ଅଧ୍ୟକ୍ଷା ଜାହାନାରା ବେଗମ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଚଳିତ ଥରର ମାଟ୍ରିକ୍ ପରୀକ୍ଷା ଆସନ୍ତା ଫେବୃଆରୀ ୨୩ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୮ ତାରିଖରେ ଶେଷ ହେବ । ପରୀକ୍ଷା ପ୍ରତିଦିନ ସକାଳ ୯ଟାରୁ ସାଢେ ୧୧ଟା ପର୍ଯ୍ୟନ୍ତ ଚାଲିବ। ମାତ୍ର ଗଣିତ ପରୀକ୍ଷା ଦିନ ପରୀକ୍ଷାର୍ଥୀଙ୍କୁ ଅଧିକ ୧୫ ମିନିଟ୍ ସମୟ ଦିଆଯିବ। ଫେବୃଆରୀ ୨୩ରେ ପ୍ରଥମ ଭାଷା ସାହିତ୍ୟ, ୨୬ରେ ଦ୍ୱିତୀୟ ଭାଷା ଇଂରାଜୀ ଓ ୨୮ରେ ସଂସ୍କୃତ ହିନ୍ଦୀ ପରୀକ୍ଷା ଅନୁଷ୍ଠିତ ହେବ । ସେହିପରି ମାର୍ଚ୍ଚ ୩ରେ ଗଣିତ, ୬ରେ ବିଜ୍ଞାନ ଓ ୮ରେ ସାମାଜିକ ବିଜ୍ଞାନ ପରୀକ୍ଷା ହେବ। ପୂର୍ବବର୍ଷ ଭଳି ପରୀକ୍ଷାର୍ଥୀମାନେ ଓଏମଆର୍ ଉତର ପତ୍ରରେ ୫୦ ନମ୍ବର ଅବଜେକ୍ଟିଭ୍ ଏବଂ ପ୍ରଶ୍ନ-ଉତରଖାତା ସମ୍ବଳିତ ସବଜେକ୍ଟିଭରେ ୫୦ ନମ୍ବର ପରୀକ୍ଷା ଦେବେ। ଦଶମ ଶ୍ରେଣୀ ଧନ୍ଦାମୂଳକ, ଟ୍ରେଡ୍ ଆଇଟି, ଟିଟି, ଆରଟି ଓ ବିଏଫ୍ ବିଷୟ ଗୁଡ଼ିକର ପ୍ରକ୍ଟିକାଲ ପରୀକ୍ଷା ନିଜ ନିଜ ସ୍କୁଲରେ ଫେବୃଆରୀ ୧୨ରୁ ୧୭ ମଧ୍ୟରେ ହେବ।

# ପାକ୍ ଛାନିଆଁ



- ୨୫୫ ମିଲିୟନ ଆମେରିକାନ ଡଲାର ଆର୍ଥିକ ସାହାଯ୍ୟ ବନ୍ଦ
- ପାକିସ୍ତାନର ବିଭିନ୍ନ ସ୍ଥାନରେ ବିକ୍ଷୋଭ
- ବିକ୍ଷୋଭକାରୀଙ୍କୁ ହାଫିଜ୍‌ର ସମର୍ଥନ

ଆମେରିକା, ୨।୧ : ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଟ୍ୱିଟର ମାଧ୍ୟମରେ ପାକିସ୍ତାନ ଉପରେ କ୍ଷୋଭପ୍ରକାଶ କରିବାର ଗୋଟିଏ ଦିନ ପରେ ମଙ୍ଗଳବାର ଆମେରିକା ପ୍ରଶାସନ ପାକିସ୍ତାନକୁ ୧୬୨୮ କୋଟି ଟଙ୍କା ବା ୨୫୫ ମିଲିୟନ ଆମେରିକାନ ଡଲାର ଆର୍ଥିକ ସାହାଯ୍ୟ ବନ୍ଦ କରିଦେବା ଘୋଷଣା କରିବା ପରେ ପାକିସ୍ତାନ ଛାନିଆଁ ହୋଇପଡ଼ିଛି । ପ୍ରମୁଖ ଆତଙ୍କବାଦୀ ସଂସ୍ଥା ଭାବେ ପରିଚିତ ଜମାତ-ଉଦ୍-ଦାବା ସମେତ ଅନ୍ୟାନ୍ୟ କିଛି ଆତଙ୍କବାଦୀ ସଂଗଠନ ଉପରେ ରୋକ୍ ଲଗାଇଥିବା ଜଣାଯାଇଛି । ଆମେରିକା ରାଷ୍ଟ୍ରପତି ଗତକାଲି ପାକିସ୍ତାନ ଆତଙ୍କବାଦୀଙ୍କ ଭୂସ୍ୱର୍ଗ ପାଲଟିଛି ବୋଲି ଅଭିଯୋଗ କରିଥିଲେ । ସୂଚନାଯୋଗ୍ୟ ଗତ ୧୫ ବର୍ଷ ହେଲା ଆମେରିକା ୨ ଲକ୍ଷ କୋଟି ଟଙ୍କାର ଆର୍ଥିକ ସାହାଯ୍ୟ ପାକିସ୍ତାନକୁ କରିଛି । କିନ୍ତୁ ଏହାକୁ ପାକିସ୍ତାନ ଆତଙ୍କ ବିରୋଧରେ ଉପଯୋଗ କରିନାହିଁ । ତେଣୁ ଟ୍ରମ୍ପ ଗତକାଲି ପାକିସ୍ତାନକୁ ଏକ ମିଛୁଆରାଷ୍ଟ୍ର ବୋଲି କହିଥିଲେ । ଏହି ଆର୍ଥିକ ସାହାଯ୍ୟ ଆମେରିକାର ମୁର୍ଖାମୀ ଥିଲା (ପୃଷ୍ଠା-୭)

## ଦୈନିକ ୩୦୦ ଟଙ୍କା ପାଇବେ ହୋମ୍‌ଗାର୍ଡ

ଭୁବନେଶ୍ୱର, ୨।୧ (ସକାଳ ଖବର): ରାଜ୍ୟ ସରକାର କାର୍ଯ୍ୟରତ ହୋମଗାର୍ଡ ମାନଙ୍କର ଦୈନିକ ଭତା ବୃଦ୍ଧି କରିଛନ୍ତି। ପୂର୍ବରୁ ସେମାନେ ଦୈନିକ ୨୪୦ ଟଙ୍କା ପାଉଥିବା ବେଳେ ଏଣିକି ଦୈନିକ ୩୦୦ ଟଙ୍କା ପାଇବେ ବୋଲି ସ୍ୱରାଷ୍ଟ୍ର ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଦୀର୍ଘଦିନ ହେବ ହୋମ୍‌ଗାର୍ଡ ସେମାନଙ୍କ ଦରମା ଓ ଭତ୍ତା ବୃଦ୍ଧି ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଆସୁଥିଲେ।

## ସୀତାକାନ୍ତଙ୍କୁ ପ୍ରାଣନାଥ ସମ୍ମାନ

ଭୁବନେଶ୍ୱର, ୨।୧ (ସକାଳ ଖବର): ଜ୍ଞାନପୀଠ ପୁରସ୍କାର ବିଜେତା ତଥା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସୀତାକାନ୍ତ ମହାପାତ୍ର ଚଳିତ ବର୍ଷ ସମ୍ମାନଜନକ ପ୍ରାଣନାଥ ସମ୍ମାନ ପୁରସ୍କାର ପାଇବେ। ଏସମ୍ପର୍କରେ ପ୍ରାଣନାଥ ମହାବିଦ୍ୟାଳୟ ପରିଚାଳନା କମିଟି ବୈଠକରେ ନିଷ୍ପତି ନିଆଯାଇଛି।




## ଅନନ୍ତଙ୍କୁ ଶେଷ ଦର୍ଶନ

ଭୁବନେଶ୍ୱର, ୨।୧ (ସକାଳ ଖବର): ପ୍ରଖ୍ୟାତ ନାଟ୍ୟକାର ତଥା ଯାତ୍ରା ନିର୍ଦ୍ଦେଶକ ଅନନ୍ତ ଓଝାଙ୍କ ମରଶରୀର ଭୁବନେଶ୍ୱର ବିମାନବନ୍ଦରରେ ପହଂଚିବା ପରେ ଶେଷକୃତ୍ୟ ଲାଗି ତାଙ୍କ ଗାଁ କେନ୍ଦ୍ରାପଡ଼ାର ନୀଳକଣ୍ଠପୁର ନିଆଯାଇଛି । ସ୍ୱର୍ଗତ ଓଝାଙ୍କ ପାର୍ଥିବ ଶରୀର ଭୁବନେଶ୍ୱର ପହଂଚିବା ପରେ ବହୁ ରାଜନେତା, ମନ୍ତ୍ରୀ ଓ ଯାତ୍ରା କଳାକାର ତାଙ୍କର ଶେଷ ଦର୍ଶନ କରିଥିଲେ । ବିମାନ ବନ୍ଦରରୁ ସ୍ୱର୍ଗତ ଓଝାଙ୍କ ମରଶରୀର କଟକର ଓଏମପି ଛକରେ ପହଂଚିବା ପରେ ଯାତ୍ରା ଜଗତର କଳାକାର,ସ୍ଥାନୀୟଲୋକଙ୍କ ସମେତ ଯାତ୍ରା ଖଳନାୟକ ଦୈତାରୀ ପଣ୍ଡା, ସଚ୍ଚିକାନ୍ତ ନାଥ, ଡକ୍ଟର ଚିତରଞ୍ଜନ ଆଦି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ସେହିପରି କେନ୍ଦ୍ରାପଡ଼ାର ଗୋପରେ ଥିବା ଘର ଏବଂ ପରେ ଜନ୍ମସ୍ଥଳୀ ନୀଳକାଣ୍ଠପୁରକୁ ନିଆଯାଇଥିଲା। ସେଠାରେ ପହଂଚିବା ପରେ ମର ଶରୀରକୁ କେନ୍ଦ୍ରାପଡା ବଜାରରୁ ଏକ ଶୋଭାଯାତ୍ରା ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ସ୍ୱର୍ଗତଃ ଓଝାଙ୍କ ମରଶରୀରକୁ ଶେଷ ଦର୍ଶନ (ପୃଷ୍ଠା-୭)



ଯିଏ ମୋତେ ଭକ୍ତିରେ ହାତ ଯୋଡିବ ମୁଁ ତା ପାଖକୁ ପହଞ୍ଚିବି ସେ ଯେଉଁଠି ଥାଉ ।



ହୁଣ୍ଡିର ଆୟ (୨.୧୧.୧୭)
୪,୪୫,୦୨୭

## ଆଜି ରାଜ୍ୟସଭାରେ ଟ୍ରିପିଲ୍ ତଲାକ୍ ସଂଶୋଧନ ବିଲ୍ ଆଣିବ ବିଜେଡି

ଭୁବନେଶ୍ୱର,୨।୧ (ସକାଳ ଖବର): ଲୋକସଭାରେ ତିନି ତଲାକ୍ ବିଲ୍ ପାସ ହେବା ପରେ ରାଜ୍ୟସଭାରେ ପୁଣି ସଂଶୋଧନ ପ୍ରସ୍ତାବ ଆଣିବ ବିଜେଡି । ଆସନ୍ତାକାଲି ସଂସଦର ଶୀତକାଳୀନ ଅଧିବେଶନରେ ତିନି ତଲାକ ବିଲ୍ ରାଜ୍ୟସଭାରେ ଆଗତ କରାଯାଇପାରେ । ସରକାରଙ୍କୁ ଏହି ବିଲ୍ ପାରିତ କରିବା ପାଇଁ କଂଗ୍ରେସ ସମେତ ଅନ୍ୟ ବିରୋଧୀ ରାଜନୈତିକ ଦଳର ସମର୍ଥନ ହାସଲ କରିବାକୁ ପଡ଼ିବ । ସେପଟେ ବିଜେଡି କହିଛି, ସେମାନେ ବିଲକୁ ସିଲେକ୍ଟିଭ୍ କମିଟିକୁ ପଠାଇବାକୁ ଦାବି କରିବେ । ରାଜ୍ୟସଭାରେ ବିଜେପି ନେତୃତ୍ୱାଧୀନ ଏନଡିଏ ସାଂସଦଙ୍କ ସଂଖ୍ୟା ୮୮ ରହିଛି । ବିଜେପି ସରକାରଙ୍କୁ ତିନି ତଲାକ୍ ବିଲକୁ ଗୃହୀତ କରିବା ଲାଗି ଆଉ ୩୫ ଜଣ ସଦସ୍ୟଙ୍କ ସମର୍ଥନ ଜରୁରୀ ଅଟେ । ବିଲରେ କିଛି ସଂଶୋଧନ ସହିତ କଂଗ୍ରେସର ସମର୍ଥନ ପାଇଁ ନେତାମାନଙ୍କ ସହ ଆଲୋଚନା ଆରମ୍ଭ ହୋଇଛ । କଂଗ୍ରେସ ମଧ୍ୟ ଏହି ପ୍ରସ୍ତାବକୁ ସମର୍ଥନ ଦେଇଥିବା କୁହାଯାଉଛି । ଅପରପକ୍ଷେ, ତିନ୍ ତଲାକ୍‌କୁ ଅବୈଧ ଘୋଷଣା କରି ଗତ ଗୁରୁବାର କେନ୍ଦ୍ର ସରକାର ଲୋକସଭାରେ ବିଲ୍ ଆଗତ କରିଥିଲେ । ବିଜେ ସାଂସଦ ଭର୍ତ୍ତୃହରି ମହତାବ ବିଲ୍‌କୁ ନେଇ ପୁନର୍ବିଚାର କରାଯିବା ଆବଶ୍ୟକ ବୋଲି ଯୁକ୍ତି ରଖିଥିଲେ । ଆର୍‌ଜେଡି ମଧ୍ୟ (ପୃଷ୍ଠା-୭)

## ଭୁବନେଶ୍ୱର ପହଞ୍ଚିଲା ପ୍ରଦୀପ ପଣ୍ଡାଙ୍କ ମରଶରୀର




ଭୁବନେଶ୍ୱର, ୨।୧ (ସକାଳ ଖବର): ମଙ୍ଗଳବାର ସଂଧ୍ୟାରେ ଭୁବନେଶ୍ୱର ଅନ୍ତର୍ଜାତୀୟ ବିଜୁ ପଟ୍ଟନାୟକ ବିମାନବନ୍ଦରରେ ସଂଧ୍ୟାରେ ପହଞ୍ଚିଛି ଦେଶ ପାଇଁ ବଳିଦାନ ଦେଇଥିବା ବୀର ଓଡ଼ିଆ ଯବାନ ପ୍ରଦୀପ ପଣ୍ଡାଙ୍କ ମରଶରୀର । ସିଆରପିଏଫ୍ ଡିଆଇଜି ଓ ଆଇଜି, ପୋଲିସ ଅଧିକାରୀଙ୍କ ଉପସ୍ଥିତିରେ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯିବା ସହ ସିଆପିଏଫ୍ ପକ୍ଷରୁ ଗାର୍ଡ୍ ଅଫ୍ ଅନର ଦିଆଯାଇଛି । ଆଜି ରାତିରେ ସହୀଦ ଯବାନ ପ୍ରଦୀପ ପଣ୍ଡାଙ୍କ ମରଶୀରକୁ ତାଙ୍କ ଜନ୍ମଭୂମିକୁ ନିଆଯିବ । ନୂଆବର୍ଷର ପୂର୍ବଦିନ ଅର୍ଥାତ ଗତ ୩୧ରେ ଜାମ୍ମୁ କାଶ୍ମୀରର ପୁଲଓ୍ୱାମାରେ (ପୃଷ୍ଠା-୭)

Printed, Published & Owned by Amit Kumar Mallick Printed at Press Webline,D-2/19 Sector, Sector-A,Zone-D, Mancheswar Industrial Estate,BBSR-751010, City Office: A/69, Unit - 3, Industrial Area, Kharvel Nagar, Bhubaneswar - 1, Ph./Fax. : (0674) 2380706, (O), E-mail address : thesakala@hotmail.com, thesakal0@gmail.com

**Editor - Amit Kumar Mallick**